

**ନମସ୍କାର, ମୁଁ ମହେଶ । ମୋ ପତ୍ନୀ ଲୀଲା ଏବଂ ମୁଁ ନଗରପାଳିକା ପାଇଁ ଘରୁ ବର୍ଜ୍ୟବସ୍ତୁ ସଂଗ୍ରହ ସେବା ଯୋଗାଉଥିବା ଜଣେ କଣ୍ଟ୍ରାକ୍ଟରଙ୍କ ସହ କାମ କରୁ ।**
**ମୁଁ ଜାଣେ ଯେ ଆମ ପରି, ଆପଣମାନଙ୍କ ମଧ୍ୟରୁ ଅନେକ ଏହି କୋଭିଡ -19 ମହାମାରୀ ସମୟରେ ନାଗରିକମାନଙ୍କୁ ମଧ୍ୟ ଏହି ସେବା ଯୋଗାଉଛନ୍ତି ।**
**ଏବଂ ସେଥିପାଇଁ ମୁଁ ଆପଣଙ୍କୁ ନୋଭେଲ କରୋନା ଭାଇରସରୁ ରକ୍ଷା କରିବା ପାଇଁ କିଛି ସୁରକ୍ଷା ବାର୍ତା ବାଣ୍ଟିବାକୁ ଚାହେଁ...।**

ବିଶେଷ ଦ୍ରଷ୍ଟବ୍ୟ: ଏହି ନିର୍ଦ୍ଦେଶଗୁଡ଼ିକ ନିୟମିତ କାର୍ଯ୍ୟ ପାଇଁ SOP ନୁହେଁ ବରଂ ପରିମଳ କର୍ମଚାରୀଙ୍କ ଦ୍ୱରା ନିଆଯିବାକୁ ଥିବା ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ଦେବା ପାଇଁ ଉଦ୍ଦିଷ୍ଟ ।

## ଆପଣ କାମ ପାଇଁ ଘରୁ ବାହାରିବା ପୂର୍ବରୁ,ଧ୍ୟାନ ଦେବା ଜିନିଷ ହେଲା-



1. ପୁରା ହାତ ଥିବା ଏବଂ ଫୁଲ୍ ଲମ୍ବା ପୋଷାକ ପିନ୍ଧନ୍ତୁ ।



3. ନଗରପାଳିକା ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପାସ୍ ବହନ କରନ୍ତୁ ।



5. ଗ୍ଲୋଭସ୍, ମାସ୍କ, ଆପ୍ରନ୍ (ଯଦି ମାସ୍କ ଉପଲବ୍ଧ ନଥାଏ, ତେବେ ନାକ ଏବଂ ପାଟି ଘୋଡାଇବା ପାଇଁ 2-3 ସ୍ତରରେ ଏକ ସଫା କପଡା ବ୍ୟବହାର କରନ୍ତୁ))



2. ଯଦି କ୍ଷତ ଥାଏ, ତାକୁ ଜଳରହିତ ବ୍ୟାଣ୍ଡେଜ ସାହାଯ୍ୟରେ ଘୋଡାନ୍ତୁ ।



4. ହାତ ଧୋଇବା ପାଇଁ ପାଣି ଏବଂ ସାବୁନ ପାଖରେ ରଖନ୍ତୁ ।



6. ଅତିରିକ୍ତ ପୋଷାକ ପାଖରେ ରଖନ୍ତୁ ।

## ଯେତେବେଳେ ଆପଣ କାର୍ଯ୍ୟକ୍ଷେତ୍ରରେ ପହଞ୍ଚିବେ, ଧ୍ୟାନ ଦେବା ଜିନିଷ ହେଲା-



2. ଅନାବଶ୍ୟକ ବସ୍ତୁକୁ ଛୁଇଁବା ଠାରୁ ଦୂରେଇ ରୁହନ୍ତୁ ।



4. ମୁହଁ, ନାକ, ପାଟି, ଆଖି ଛୁଇଁବା ଠାରୁ ଦୂରେଇ ରୁହନ୍ତୁ ।




୧. ଅତିକମରେ 20 ସେକେଣ୍ଡ ପାଇଁ ସାବୁନ ସହିତ ହାତ ଧୁଅନ୍ତୁ ।



3. ଗ୍ଲୋଭସ୍, ମାସ୍କ / କପଡା, ଆପ୍ରୋନ୍, ବୁଟ୍ ପିନ୍ଧନ୍ତୁ ।



5. କାର୍ଯ୍ୟ କ୍ଷେତ୍ରରେ ଏକତ୍ର ଭ୍ରମଣ କରିବା ସମୟରେ ୧ ମିଟର ସୁରକ୍ଷିତ ଦୂରତା ବଜାୟ ରଖନ୍ତୁ ।

## ଯେତେବେଳେ ଆପଣ କାମ ଆରମ୍ଭ କରିବେ, ଧ୍ୟାନ ଦେବା ଜିନିଷ ହେଲା-



1. ଫାଟକ ଖୋଲିବା ପାଇଁ ହର୍ଣ୍ଣ ବଜାନ୍ତୁ ।




2. ବ୍ୟକ୍ତିମାନଙ୍କ ଠାରୁ ସର୍ବନିମ୍ନ 4 ଫୁଟ ଦୂରତା ରଖନ୍ତୁ ।



3. ବ୍ୟକ୍ତିମାନଙ୍କୁ ସେମାନଙ୍କର ବର୍ଜ୍ୟବସ୍ତୁକୁ ସିଧାସଳଖ ଗାଡି / ଆପଣଙ୍କ ବିନ୍ ରେ ପକାଇବାକୁ କୁହନ୍ତୁ ।



4. ଖାଲି ହାତରେ ଡଷ୍ଟବିନ ଏବଂ ବର୍ଜ୍ୟବସ୍ତୁକୁ ସ୍ପର୍ଶ କରନ୍ତୁ ନାହିଁ ।



5. ଆପଣମାନେ ନଗରପାଳିକା ଦ୍ୱାରା ଅବଗତ ନହୋଇ କୌଣସି କ୍ୱାରେଣ୍ଟାଇନରେ ଥିବା ପରିବାରଠାରୁ ବର୍ଜ୍ୟବସ୍ତୁ ସଂଗ୍ରହ କର ନାହିଁ ।



6. ବ୍ୟବହୃତ ମାସ୍କ ଏବଂ ଗ୍ଲୋଭସ୍ କୁ ଏକ ପୃଥକ ବ୍ୟାଗରେ ପକାଇବାକୁ ଲୋକମାନଙ୍କୁ କୁହନ୍ତୁ ।



7. ଅଳିଆ ଆବର୍ଜନା ଉଠାଇବା ପାଇଁ ପ୍ୟାନ ବ୍ୟବହାର କରନ୍ତୁ ।



୫. ଲାଳଯୁକ୍ତ ବର୍ଜ୍ୟବସ୍ତୁ ଉଠାଇବା ସମୟରେ ଅତିରିକ୍ତ ଯତ୍ନ ନିଅନ୍ତୁ ଯଥା ଆଇସ୍କ୍ରିମ୍ ବାଡି ଇତ୍ୟାଦି ।

## ଯେତେବେଳେ ଆପଣ କାର୍ଯ୍ୟାଳୟକୁ ଫେରିବେ (ସ୍ଥାନାନ୍ତର ଷ୍ଟେସନ / ୱାର୍ଡ ଅଫିସ୍ ଇତ୍ୟାଦି)



ସୁରକ୍ଷା ଉପକରଣ କାଢନ୍ତୁ ।



ହାତ ଓ ମୁହଁ ଧୁଅନ୍ତୁ ।



ପୋଷାକ ବଦଳାଇ ଏକ ବ୍ୟାଗରେ ରଖନ୍ତୁ ।



ମାସ୍କ / କପଡା ପିନ୍ଧନ୍ତୁ ଏବଂ ଘରକୁ ଫେରନ୍ତୁ





ପରିବାରର କାହାକୁ ଭେଟିବା ପୂର୍ବରୁ ପ୍ରଥମେ ପୋଷାକ ଏବଂ PPE କୁ ସାବୁନରେ ଧୋଇ ଖରା କିମ୍ବା ଶୁଖିଲା ସ୍ଥାନରେ ଟାଙ୍ଗନ୍ତୁ ।

ଯଦି ଆପଣଙ୍କର କାଶ, ସର୍ଦ୍ଦି ବା ଜ୍ୱର ଆସେ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ଆସନ୍ତୁ ଆମର ସୁରକ୍ଷା ସୁନିଶ୍ଚିତ କରି ଜୀବାଣୁକୁ ପରାସ୍ତ କରିବା**